**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**25 Morning – 2024**

# ବିଜେପି ସାଂସଦ ତାଲିକା

ଭାରତୀୟ ଜନତା ପାର୍ଟି ଓଡ଼ିଶାର ୨୧ଟି ସଂସଦୀୟ ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୧୮ଟି ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ୨୦୧୯ ମସିହାରେ ଲୋକସଭାକୁ ନିର୍ବାଚିତ ହୋଇଥିବା ୪ ଜଣ ସାଂସଦ ନୀତେଶ ଗଙ୍ଗଦେବ, ବସନ୍ତ ପଣ୍ଡା, ବିଶ୍ୱେଶ୍ୱର ଟୁଡୁ ଓ ସୁରେଶ ପୂଜାରୀଙ୍କୁ ଚଳିତଥର ଲୋକସଭା ପାଇଁ ପ୍ରାର୍ଥୀ କରାଯାଇ ନାହିଁ । ଅନ୍ୟପକ୍ଷରେ ସେମାନଙ୍କ ବଦଳରେ ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ ଧର୍ମେନ୍ଦ୍ର ପ୍ରଧାନ, କଳାହାଣ୍ଡିରୁ ମାଳବିକା କେଶରୀ ଦେଓ, ମୟୂରଭଞ୍ଜରୁ ନବଚରଣ ମାଝି ଏବଂ ବରଗଡ଼ରୁ ପ୍ରଦୀପ ପୁରୋହିତଙ୍କୁ ଦଳ ପକ୍ଷରୁ ପ୍ରାର୍ଥୀ କରାଯାଇଛି । ସେହିଭଳି କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରରୁ ବୈଜୟନ୍ତ ପଣ୍ଡା, ସୁନ୍ଦରଗଡ଼ରୁ ଜୁଏଲ୍ ଓରାମ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ବଲାଙ୍ଗୀର ସାଂସଦ ସଂଗୀତା କୁମାରୀ ସିଂହଦେଓ, ପୁରୀରୁ ସମ୍ବିତ ପାତ୍ର, ଢେଙ୍କାନାଳରୁ ରୁଦ୍ରନାରାୟଣ ପାଣିଙ୍କୁ ଦଳ ପୁନର୍ବାର ପ୍ରାର୍ଥୀ କରିଛି । ଅନ୍ୟପକ୍ଷରେ ବ୍ରହ୍ମପୁରରୁ ପ୍ରଦୀପ ପାଣିଗ୍ରାହୀଙ୍କୁ ପ୍ରାର୍ଥୀ କରାଯାଇଛି ।

ଏହି ପର୍ଯ୍ୟାୟରେ ତିନୋଟି ସଂସଦୀୟ କ୍ଷେତ୍ର କଟକ, ଯାଜପୁର ଏବଂ କନ୍ଧମାଳ ପାଇଁ ପ୍ରାର୍ଥୀଙ୍କ ନାମ ପ୍ରକାଶ କରାଯାଇ ନାହିଁ ।

## ଶିବଶକ୍ତି ସ୍ଥଳ

ମହାକାଶ ଯାନ ବିକ୍ରମ ଲ୍ୟାଣ୍ଡର ଗତବର୍ଷ ଅଗଷ୍ଟ ମାସ ୨୩ ତାରିଖରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲା । ଏହାର ୩ ଦିନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଗଷ୍ଟମାସ ୨୬ ତାରିଖରେ ଚନ୍ଦ୍ରଯାନ-୩ର ଅବତରଣ ସ୍ଥଳକୁ ଶିବଶକ୍ତି ନାମରେ ନାମିତ କରିଥିଲେ । ଏହାର ପ୍ରାୟ ୭ ମାସ ପରେ ଅନ୍ତର୍ଜାତୀୟ ଜ୍ୟୋତିର୍ବିଜ୍ଞାନୀ ସଂଘ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ନାମିତ କରାଯାଇଥିବା ଶିବଶକ୍ତି ପଏଣ୍ଟକୁ ମାନ୍ୟତା ପ୍ରଦାନ କରିଛି ।

## ନିଟ୍ ପରୀକ୍ଷା

ସର୍ବଭାରତୀୟ ସ୍ତରରେ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ନିଟ୍ ପରୀକ୍ଷା ଆସନ୍ତା ମଇମାସ ୫ ତାରିଖରେ ଅନୁଷ୍ଠିତ ହେବ । ଚଳିତ ବର୍ଷ ନିଟ୍ ପରୀକ୍ଷା ଦେବା ଲାଗି ୨୩ ଲକ୍ଷ ୮୧ ହଜାର ୮୩୩ ଜଣ ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରିଛନ୍ତି । ଓଡ଼ିଶାରୁ ପାଖାପାଖି ୬୫ ହଜାର ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରିଥିବା ଜଣାପଡ଼ିଛି । ଓଡ଼ିଆ ସହିତ ଅନ୍ୟ କେତେକ ଆଞ୍ଚଳିକ ଭାଷାରେ ଛାତ୍ରଛାତ୍ରୀମାନେ ନିଟ୍ ପରୀକ୍ଷା ଦେଇପାରିବେ । ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରକୁ କିଭଳି ପୋଷାକ ପିନ୍ଧି ଆସିବେ, ସେ ସମ୍ବନ୍ଧରେ ନିଟ୍ କର୍ତ୍ତୃପକ୍ଷ ନିର୍ଦ୍ଦେଶାବଳୀ ଗତକାଲି ଜାରି କରିଛନ୍ତି ।

# ଦୋଳ ହୋଲି

ଆଜି ପବିତ୍ର ଦୋଳ ପୂର୍ଣ୍ଣମୀ । ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ଦୋଳ ମେଳଣ ଅନୁଷ୍ଠିତ ହେଉଛି। ପୁରପଲ୍ଲୀ ଉତ୍ସବ ମୁଖର ହୋଇଉଠିଛି । ଦୋଳ ଏବଂ ହୋଲି ପାଳନକୁ ନେଇ ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଉତ୍ସାହ ଉଦ୍ଦୀପନା ଦେଖିବାକୁ ମିଳିଛି । ଏହି ପର୍ବ ପାଳନ ବେଳେ ରାସାୟନିକ ରଙ୍ଗ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି । ହୋଲିରେ ବିଶୃଙ୍ଖଳିତ ଆଚରଣ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି  କମିଶନରେଟ୍ ପୋଲିସ୍ ପକ୍ଷରୁ ସୂଚନା ଦିଆଯାଇଛି । ସର୍ବସାଧାରଣ ସ୍ଥାନ ଏବଂ ବିଭିନ୍ନ ହୋଟେଲ୍‌ରେ ହୋଲି ପାଳନ ଉପରେ ସତର୍କ ଦୃଷ୍ଟି ରଖାଯାଇଛି । ରାସାୟନିକ ଦ୍ରବ୍ୟ ମିଶା ରଙ୍ଗ ବିକ୍ରି ହେଉଥିବା ଦୋକାନ ଉପରେ କମିଶନରେଟ୍ ପୋଲିସ୍ ପକ୍ଷରୁ ଚଢ଼ଉ କରାଯାଇଛି ।

ରାଜ୍ୟପାଳ ରଘୁବର ଦାସ ଏହି ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଜ୍ୟ ତଥା ରାଜ୍ୟ ବାହାରେ ସମସ୍ତ ଓଡ଼ିଆଙ୍କର ସୁଖ, ଶାନ୍ତି ଓ ଆନନ୍ଦ କାମନା କରିଛନ୍ତି ।

# ଶ୍ରୀମନ୍ଦିରରେ ଦୋଳ ଉତ୍ସବ

ପବିତ୍ର ଦୋଳପୂର୍ଣ୍ଣମୀ ଅବସରରେ ଆଜି ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର  ବିଶେଷ ନୀତି ଅନୁଷ୍ଠିତ ହେଉଛି । ରାତି ପ୍ରାୟ ୩ଟାରେ ମନ୍ଦିରର ଦ୍ୱାର ଫିଟାଯାଇ ଭିତରଶୋଧ କରାଯିବା ପରେ ମଙ୍ଗଳ ଆଳତୀ, ମଇଲମ ଓ ତଡପ ଲାଗି ଓ ଅବକାଶ ଆଦି କେତେକ ନୀତି ସମ୍ପନ୍ନ ହୋଇଥିଲା । ଆଜି ଶ୍ରୀଜୀଉମାନଙ୍କୁ ସୁନାବେଶରେ ସୁସଜ୍ଜିତ କରାଯାଉଛି । ପୂର୍ବାହ୍ନ ପ୍ରାୟ ସାଢେ ୧୦ଟା ପରେ ଶ୍ରଦ୍ଧାଳୁମାନେ  ଏହି ଦର୍ଶନ କରିବେ । ସେବାୟତମାନେ ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଭୂଦେବୀ ଓ ଶ୍ରୀଦେବୀଙ୍କୁ ବିମାନରେ ନେଇ ଦୋଳବେଦୀରେ ଦିଅଁମାନଙ୍କୁ ଦୋଳିରେ ବିଜେ କରାଇବେ । ସେଠାରେ ଶ୍ରୀଜୀଉଙ୍କ ଫଗୁ ଖେଳ ଅନୁଷ୍ଠିତ ହେବ । ଏହି ଅବସରରେ ପାରମ୍ପରୀକ ରୀତିମତେ ଶ୍ରୀଜୀଉମାନଙ୍କ ସମ୍ମୁଖରେ ଦୋଳବେଦୀ ଉପରେ ନୂତନ ପଞ୍ଜିକା ପାଠ କରାଯିବ ।

.......................................................................................

# ମହିଳା ଫୁଟ୍‌ବଲ୍

ଭାରତୀୟ ମହିଳା ଫୁଟବଲ୍ ଲିଗ୍ ପ୍ରତିଯୋଗିତାରେ ଓଡ଼ିଶା ଏଫ୍‌ସି ମହିଳା ଦଳ ଚମ୍ପିୟାନ ହୋଇଛି । ଲିଗ୍ ଭିତ୍ତିରେ ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ୧୨ଟି ମ୍ୟାଚ୍‌ରୁ ୧୦ଟିରେ ବିଜୟ, ଗୋଟିଏ ପରାଜୟ ଓ ଅନ୍ୟଟି ଡ୍ର ସହ ୩୧ ପଏଣ୍ଟ ପାଇ ଶୀର୍ଷସ୍ଥାନ ହାସଲ କରିଛି । ଏଥିସହିତ ଓଡ଼ିଶା ଏଫ୍‌ସି’ ଏଏଫ୍‌ସି ମହିଳା ଚମ୍ପିୟାନ୍ ଲିଗ୍ ଖେଳିବାକୁ ଯୋଗ୍ୟତା ହାସଲ କରିଛି । ସେହିପରି ଗୋକୁଲମ୍ କେରଳ ଏଫ୍‌ସି ୧୨ଟି ମ୍ୟାଚ୍‌ରୁ ୯ଟିରେ ବିଜୟ, ୨ଟିରେ ଡ୍ର ଓ ଗୋଟିଏରେ ପରାଜୟ ସହ ୨୯ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ସହ ରନର୍ସଅପ୍ ହୋଇଛି ।

# ପାଣିପାଗ

ରାଜ୍ୟର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇଛି । ଗତକାଲି ୩ଟି ସହରରେ ତାପମାତ୍ରା ୩୮ ଡିଗ୍ରୀ ଉପରେ ରହିଥିଲା । ବଲାଙ୍ଗୀରରେ ସର୍ବାଧିକ ୩୮ ଦଶମିକ ୫ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା । ଆଗାମୀ ୪ ଦିନ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । କେତେକ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବ ବୋଲି ମଧ୍ୟ ପୂର୍ବାନୁମାନ କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବରଗଡ଼, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ ବାଲେଶ୍ୱର ଜିଲ୍ଲାର କେତେକ ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ।